# Akashvani, Sambalpur

## SAMBALPURI NEWS EVENING BULLETIN

## 28 September 2025- 7.02 pm- 7.12 pm.

*******************************************

୧- ଦେଶେ ଗଲା ୧୧ ବଛ୍‌ରେ ଖଦୀ, ହସ୍ତତନ୍ତ ଆଉ ହସ୍ତଶିଳ୍ପ କ୍ଷେତ୍ରଥି ବଡ଼ ପରିବର୍ତନ୍ ଦେଖାଦେଇଛେ ।

- ସବୁ କ୍ଷେତ୍ରଥି ଟୁକେଲ୍ ଛୁଆମାନେ ନିଜର୍ ଉପସ୍ଥିତିକେ ଜାହିର୍ କରିଛନ୍ ବଲି ମନ୍ କି ବାତ୍ ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଦେଶେ ୨ ଲାଖ୍ ୫୦ ହଜାର୍ ମଧ୍ୟସ୍ତିଙ୍କର୍ ଦର୍‌କାର୍ ଉପ୍‌ରେ ଜୋର୍ ଦେଲେ ଜାତୀୟ ଆଇନ୍ ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ।

୩- ନବରାତ୍ରୀ ଅବ୍‌ସରେ ଆଏଜ୍ ରାଜ୍ୟର୍ ଶକ୍ତିପୀଠମାନ୍‌କେ ହେଉଛେ ସପ୍ତମୀ ପୂଜା ।

ଆଉର୍

୪- ଜଳାତଙ୍କ ରୋଗ୍‌ର ପ୍ରଭାବ୍ ଆଉ ନିରାକରଣ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ପାଲନ୍ କରାଯାଉଛେ ବିଶ୍ୱ ଜଳାତଙ୍କ ଦିବସ ।

ମନ୍ କି ବାତ୍        ଆର୍ଏନ୍ୟୁ/ କଟକ୍

ଦେଶେ ଗଲା ୧୧ ବଛ୍ରେ ଖଦୀର୍ ଚାହିଦା ବଢ୍ବାର୍କେ ଲାଗିଛେ । ଆଏବା ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବ୍ସରେ ଖଦୀ ଦରବ୍ ଘିନ୍ବାର୍କେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍କୁ ଆହ୍ୱାନ୍ ଦେଇଛନ୍ । ମନ୍ କି ବାତ୍ ର ଶହେ ୨୬ ନମ୍ବର୍ ସଂସ୍କରଣ୍ଥି ଦେଶ୍ବାସୀଙ୍କର୍ ସହେତେ ଭାବ୍ ବିନିମୟ କରିକରି ଶ୍ରୀ ମୋଦୀ କହିଛନ୍, ଗାନ୍ଧୀ ଜୟନ୍ତୀ ନ ଖଦୀ ଦରବ୍ ଘିନିକରି ହେସ୍ଟେଗ୍ ଭୋକାଲ୍ ଫର୍ ଲୋକାଲ୍ ସହେତେ ସାମାଜିକ୍ ଗଣମାଧ୍ୟମ୍ଥି ପଠଉନ୍ ।

(ଭଏସ୍ ଓଭର୍- ପିଏମ୍- ଖଦୀ)

ପ୍ରଧାନ୍ମନ୍ତ୍ରୀ ହସ୍ତତନ୍ତ ଆଉ ହସ୍ତଶିଳ୍ପ କ୍ଷେତ୍ରଥି ହେଇଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ୍କେ ନେଇକରି ଖୁସି ଜାହିର୍ କରିଛନ୍ । ପରମ୍ପରା ଆଉ ନବସୃଜନ୍ ଆଧାର୍ଥି କରାଯାଉଥିବା କାମ୍ ଆଶ୍ଚର୍ଯ୍ୟଜନକ୍ ଭାବେ ସଫଲ୍ ହେସି ବଲି ଶ୍ରୀ ମୋଦୀ କହିଛନ୍ । ତିହାର୍ବାହାର୍ ପାଲନ୍ ଅବ୍ସରେ ଦେଶେ ବନା ହଉଥିବା ଦରବ୍ ବେଭାର୍ କର୍ବାର୍ ସହେତେ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରକେ ଅପ୍ନାବାର୍କେ ଶ୍ରୀ ମୋଦୀ ଅନୁରୋଧ୍ କରିଛନ୍ । ସ୍ୱଦେଶୀ ଦରବ୍ ବେଭାର୍ କର୍ବାର୍ ନୁ ଝନେ କାରିଗର୍ର କଡ଼ା ପରିଶ୍ରମ୍କେ ସମ୍ମାନ୍ ମିଲ୍ବା ଆଉ ଯୁବ ଉଦ୍ୟୋଗୀମାନ୍କର୍ ସପନ୍ ସାକାର୍ ହେଇପାର୍ବା ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପିଏମ୍- ଲୋକାଲ୍ ଫର୍ ଭୋକାଲ୍)

ସ୍ୱଚ୍ଛତା ଉପ୍‌ରେ ଜୋର୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଖାଲି ଘରର୍ ପରିବେଶ୍ ଭିତ୍‌ରେ ଇତାକେ ସିମିତ୍ ନାଇଁ ରଖିକରି ସାର୍ବଜନୀନ୍ ଇଲାକା ବଜାର୍ ଆଉ ଗାଁତକ୍ ଇତାକେ ପହଁଚାବାର୍ ଦର୍‌କାର୍ । ନବରାତ୍ରୀ ପାଲନ୍ ଅବ୍‌ସରେ ଲୋକ୍‌ମାନେ ଶକ୍ତି ପୂଜା କର୍‌ସନ୍ । ଇ ଅବ୍‌ସରେ ଶ୍ରୀ ମୋଦୀ ମହିଳା ସଶକ୍ତିକରଣ୍ ଉପ୍‌ରେଜୋର୍ ଦେଇଛନ୍ । ବ୍ୟବସାୟ ନୁ କ୍ରୀଡ଼ା ଆଉ ଶିକ୍ଷାନୁ ନେଇକରି ବିଜ୍ଞାନ୍‌ତକ୍ ସବୁ କ୍ଷେତ୍ର ନ ଦେଶର୍ ଟୁକେଲ୍ ଛୁଆ ମାନେ ନିଜର୍ ଉପସ୍ଥିତିକେ ଜାହିର୍ କରୁଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଛଟ୍‌ପୂଜା ଇହାଦେ ଗୁଟେ ବିଶ୍ୱ ମହୋତ୍ସବ୍ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ମହାପର୍ବକେ ୟୁନେସ୍କୋର ଅମୃତ୍ ସାଂସ୍କୃତିକ୍ ଐତିହ୍ୟ ତାଲିକାଥି ସାମିଲ୍ କର୍‌ବାର୍‌କେ ସର୍‌କାର୍ ଚେରେଷ୍ଟା ଜାରି ରଖିଛନ୍ ବଲି ଶ୍ରୀ ମୋଦୀ  କହିଛନ୍ । ସର୍‌କାର୍‌ଙ୍କର୍ ଚେରେଷ୍ଟାର୍ ଲାଗି କୋଲ୍‌କାତାର୍ ଦୁର୍ଗାପୂଜା ମହୋତ୍ସବ୍ ଇହାଦେ ୟୁନେସ୍କୋ ତାଲିକାଥି ଠାନ୍ ପାଇଛେ । ମନ୍ କି ବାତ୍‌ର ଶହେ ୨୬ ନମ୍ବର୍ ସଂସ୍କରଣ୍ ୟୁନେସ୍କୋ ତାଲିକାର୍ ଗୁଟେ ଅଂଶ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହେବାର୍ ସହେତେ ସ୍ୱାଧୀନତା ସଂଗ୍ରାମୀ ଶହୀଦ୍ ଭଗତ୍ ସିଂ ଆର୍ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କର୍ ଆଏଜ୍ ଜନମ୍ ବାର୍ଷିକୀ ବାବ୍‌ଦେ ସୋର୍

କରିକରି ଶ୍ରୀ ମୋଦୀ ଦୁହିଙ୍କୁ ଶ୍ରଦ୍ଧାଞ୍ଜଲି ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଏବା ଦିନେ ବିଜୟା ଦଶ୍‌ମୀ ପାଲନ୍ କରାଯିବା ।

ଇ ବଛର୍ ଇ ଦିବସ୍ ପାଲନ୍‌ର ଗୁଟେ ବିଶେଷତ୍ୱ ହେଉଛେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ- ଆର୍‌ଏସ୍‌ଏସ୍ ଥାପ୍‌ନାର୍ ଶହେ ବଛର୍ ପୂର୍ତ୍ତି । ଗୁଟେ ଶତାବ୍ଦୀର୍ ଇ ଯାତ୍ରା ଯେତ୍‌କି ଆଶ୍ଚର୍ଯ୍ୟଜନକ୍ ସେତ୍‌କି ପ୍ରେରଣାଦାୟୀ ଆଏ ବଲି କହିଛନ୍ । ଡକ୍ଟର୍ କେ.ବି. ହେଡ୍‌ଗେଓ୍ୱାର୍ ୧୯୨୫ ମସିହା ବିଜୟା ଦଶ୍‌ମୀ ଦିନ ଆର୍‌ଏସ୍‌ଏସ୍‌କେ ଥାପ୍‌ନା କରିଥିଲେ । ଦିଆଲୀ ଲାଗି ସମ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ସ୍ୱଦେଶୀ ଘିନିକରି ଆତ୍ମନିର୍ଭରଶୀଲ୍ ଭାରତ୍ ଅଭିଯାନ୍‌କେ ସାକାର୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ପରାମର୍ଶ ଦେଇଛନ୍ ।

ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ I&PR

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର୍ ଆଏଜ୍ ୨ ନମ୍ବର୍ ଦିନର୍ ୪ ନମ୍ବର୍ ଅଧିବେଶନ୍‌ଥି କମର୍ସିଆଲ୍ କୋର୍ଟସ ଆଇନ୍‌ର ବାଣିଜ୍ୟିକ ବିବାଦ୍‌ଥି ମଧ୍ୟସ୍ଥତା ଉପ୍‌ରେ ଆଲୋଚନା କରାଯାଇଥିଲା । ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଜେ.କେ. ମାହେଶ୍ୱରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ଅଧିବେଶନ୍‌ଥି କମର୍ସିଆଲ୍ କୋର୍ଟସ

ଆଇନ୍ ଅନ୍ସାରେ ଝମେଲା ବାହାର୍ବାର୍ ଆଘୋନୁ ମଧ୍ୟସ୍ଥତା ଜରିଏ ବିବାଦ୍ର ସମାଧାନ୍ କରାୟିବାର୍ ବାବ୍ଦେ ଆଲୋଚନା କରାଯାଇଥିଲା ।

ଇତାର୍ ଆଘୋନୁ ପହେଲା ଅଧିବେଶନ୍ଥି 'ମଧ୍ୟସ୍ଥତା କ୍ଷେତ୍ର ସହେତେ ଜଡ଼ିତ୍ ଆହ୍ୱାନ୍ ଆଉ ଆଏବା ପଦକ୍ଷେପ' ବାବ୍ଦେ ଆଲୋଚନା କରାଯାଇଥିଲା । ଆଲୋଚନାଥି ସୁପ୍ରିମ୍କୋର୍ଟର ବିଚାର୍ପତି ଆଉ ଜାତୀୟ ଆଇନ୍ସେବା ପ୍ରାଧିକରଣ୍ର ଅଧ୍ୟକ୍ଷ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ । ଦେଶେ ଇହାଦେ ୨ ଲାଖ୍ ୫୦ ହଜାର୍ ମଧ୍ୟସ୍ଥିଙ୍କର୍ ଦର୍କାର୍ ଅଛେ । ଇହାଦେର୍ ସମିଆଥି ଖାଲି ୧୩ ହଜାର୍ ମଧ୍ୟସ୍ଥି ଅଛନ୍ । ମଧ୍ୟସ୍ଥତାକେ ଗୁଟେ ପେଶା ଭାବେ ନେଇକରି ସ୍ୱିକୃତୀ ଆଉ ଇଥି ବୃତିଗତ ସୁଯୋଗ୍ ରହିଛେ ବଲି ସମ୍ମିଲନୀଥି ଭିନ୍ ଭିନ୍ ରାଜ୍ୟର୍ ବିଚାର୍ପତି ମାନେ ମତ ଦେଇଛନ୍ ।

ମା' ଦୁର୍ଗାଙ୍କର୍ ଷଷ୍ଠୀ ପୂଜା ଆର୍ଏନ୍ୟୁ/

ସମ୍ବଲପୁର/ ନୂଆପଡ଼ା/ ପୁରୀ/ ସୁବର୍ଣ୍ଣପୁର୍

ନବରାତ୍ରୀ ପାଲନ୍ ଅବ୍ସରେ ଆଏଜ୍ ରାଜ୍ୟର୍ ଶକ୍ତିପୀଠ ମାନ୍କେ ସପ୍ତମୀ ପୂଜା ମୁଲ୍ ହେଇଛେ । ସେଆଡ଼େ ପୂଜା ମଣ୍ଡପ୍ ମାନ୍କେ ମୃଣ୍ମୟୀ ପ୍ରତିମାଙ୍କର୍ ଠାନେ ଆଏଜ୍ ଷଷ୍ଠୀ ପୂଜା

ଚାଲିଛେ । ଇଥିର୍‌ଲାଗି ପୂଜା କମିଟିମାନ୍‌କର୍ ତର୍‌ଫୁ ସବୁ ପ୍ରକାରର୍ ବ୍ୟବସ୍ଥା କରାଯାଇଛେ ।

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ମା’ ବିମଳାଙ୍କର୍ ପାଶେ ୩ ଦିନିଆ ଖାସ୍ ପୂଜା ମୁଲ୍ ହେଇଛେ । ଶ୍ରୀମନ୍ଦିର୍ ନ ଡେରି ରାତି ସନ୍ଧିପୂଜା ହେବାର୍ ପରମ୍ପରା ରହିଛେ । ଇ ସମିଆ ଭିତ୍‌ରେ ମହିଳା ମାନେ ମା ବିମଳାଙ୍କର୍ ଦର୍ଶନ୍ କର୍‌ବାର୍ ଉପ୍‌ରେ କଟ୍‌କନା ଲଗାଯାଇଛେ ।

ସମ୍ବଲ୍‌ପୁର୍‌ର ମା’ ସମଲେଶ୍ୱରୀ, ପାଟଣେଶ୍ୱରୀଙ୍କର ସହେତେ ସବୁ ଶକ୍ତିପୀଠନ୍ ନବରାତ୍ର ପୂଜାର୍ ଷଷ୍ଠୀ ତିଥି ନ ଖାସ୍ ପୂଜା ବିଧି ଚାଲିଛେ । ଇ ଅବ୍‌ସରେ ଦେବୀ କାଳରାତ୍ରୀ ବେଶଥି ଦର୍ଶନ୍ ଦେଉଛନ୍ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ଆଉ ମା ରକ୍ତାମ୍ବରୀଙ୍କର୍ ପୂଜା ଉପାସନା ବିଧି ପରମ୍ପରା ଅନ୍‌ସାରେ ଚାଲିଛେ । ସୁବର୍ଣ୍ଣପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀ ଆଏଜ୍ କାଳରାତ୍ରୀ ବେଶ୍‌ଥି ପୂଜା ପାଉଛନ୍ ।

ସେବା ପର୍ବ-ଭାରତ୍ ଏଆଇ ମିଶନ ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ - ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନା ଜରିଏ ଆର୍ଥିକ୍ ଅନ୍ତର୍ଭୁକ୍ତିକେ ବର୍‌କସ୍ କରାଯିବାର୍ ସହେତେ ଦେଶ୍‌ବାସୀଙ୍କର୍ ସଶକ୍ତି କରଣ୍ ବାବ୍‌ଦେ....

(ଭଏସ୍ ଓଭର୍- ସୁପ୍ରିତୀ ମିଶ୍ର)

*ଗଲା ଦଶନ୍ଧି ଭିତ୍‌ରେ ଆର୍ଥିକ୍ ଅନ୍ତର୍ଭୁକ୍ତି ଦେଶର୍ ଅଭିବୃଦ୍ଧିର ଭିତିଭୂମି ହେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ୍ ସର୍‌କାର୍ ଇତାକେ ସବୁନୁ ଅଏତ୍‌କା ପ୍ରାଥମିକତା ଦେଇଛନ୍ । ୨୦୧୪ ଥି ପ୍ରଧାନ୍‌ମନ୍ତ୍ରୀ ଭାବେ ଦାୟିତ୍ୱ ନେବାର୍ ଉତ୍‌ରୁ ପିଏମ୍ ଜନ୍‌ଧନ୍ ଯୋଜ୍‌ନା ଶ୍ରୀ ମୋଦୀଙ୍କର୍ ମୁଖିଆ ପଦକ୍ଷେପ୍ ମାନ୍‌କର୍ ଭିତ୍‌ରୁ ଗୁଟେ ଥିଲା । ଇଟା ଦେଶ୍‌ବାସୀଙ୍କୁ ସଶକ୍ତ କରିପାରିଛେ ।*

*(ଭଏସ୍ ଓଭର-ପ୍ରଧାନମନ୍ତ୍ରୀ)*

*୫୬ କୋଟିନୁ ଅଏତ୍‌କା ଜନ୍‌ଧନ୍ ଏକାଉଂଟ୍ ସହେତେ ଇ ଯୋଜ୍‌ନା ପୁରଥିର୍ ସବୁନୁ ବଡ଼ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍*

*ପଦକ୍ଷେପ୍ ହେଇପାରିଛେ । ବିକାଶ୍‌ର ଲାଭ୍ ସମାଜ୍‌ର ସବୁ ବର୍ଗ ପାଖେ ପହଁଚାବାର୍‌ଥି ଇ ଯୋଜ୍‌ନା ସୁନିଶ୍ଚିତ୍ କର୍‌ବାର୍ ସହେତେ ଗୁଟେ ସମନ୍ୱିତ୍ ଆଉ ସଶକ୍ତ ଭାରତ୍ ଗଠନ୍ କର୍‌ବାର୍‌ଥି ସହଯୋଗ୍ କରୁଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ସୁପ୍ରିତୀ ମିଶ୍ର ।*

*(ସେବା ପର୍ବ ଏସ୍.ଟି)*

ବିଶ୍ୱ ଜଲାତଙ୍କ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଜଲାତଙ୍କ ରୋଗ୍‌ର ପ୍ରଭାବ୍ ଆଉ ତାର୍ ନିରାକରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ବିଶ୍ୱ ଜଲାତଙ୍କ ଦିବସ୍ ପାଲନ୍ କରାଯାଉଛେ । ଜଲାତଙ୍କ ରୋଗ୍ ପ୍ରତିଷେଧକ୍ ଟୀକା ଉଦ୍ଭାବନ୍ କରିଥିବା ବୈଜ୍ଞାନିକ୍ ଲୁଇ ପାଶ୍ଚର୍‌ଙ୍କର୍ ସ୍ମୃତିଥି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଆଝିରର୍ ଦିନ୍‌କେ ବିଶ୍ୱ ଜଲାତଙ୍କ ଦିବସ୍ ଭାବେ ପାଲନ୍ କରାଯାଉଛେ । ଜଲାତଙ୍କ ଗୁଟେ ଭୂତାଣୁ ଜନିତ ରୋଗ୍ ଆଏ । କୁକୁର୍, ବିଲେଇ, କୁଲ୍‌ହିଆ ଆର୍ ଗଧିଆ ବାଗିର୍ ପ୍ରାଣୀମାନ୍‌କର୍‌ନୁ ମୁନୁଷ୍ ଆଉ ଅଲ୍‌ଗା ପ୍ରାଣୀମାନ୍‌କୁ ଜଲାତଙ୍କ ରୋଗ ହେସି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ସୂଚ୍‌ନା ଅନ୍‌ସାରେ ପୁର୍‌ଥି ନ ବଛର୍‌କ ୫୯ ହଜାର୍ ଲୁକ୍‌କର୍ ଜଲାତଙ୍କ ରୋଗ୍‌ଥି

ଆକ୍ରାନ୍ତ ହେଇକରି ଜୀବନ୍ ଯାଏସି । ଭାରତ୍ ନ ଜଳାତଙ୍କ ରୋଗ୍‌ର ୯୫ ପ୍ରତିଶତ୍ କୁକୁର୍ ଚବାନୁ ହେସି ।

ବିଶ୍ୱ ଜଳାତଙ୍କ ଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ୍ ବିଭାଗ୍ ତର୍‌ଫୁ ବିଶ୍ୱ ଜଳାତଙ୍କ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ ସଚେତନତା ସଭାଥି ଅତିରିକ୍ତ ଜିଲ୍ଲାପାଳ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇକରି ମାନବ୍ ସମାଜ୍ ସହେତେ ପ୍ରାଣୀ ସମ୍ପଦ୍ ମାନ୍‌କୁ ଭିଲ୍ ଇ ରୋଗ୍‌ନୁ ବଂଚାବାର୍ ବାବ୍‌ଦେ କହିଥିଲେ ।

ଭାଗବତ୍ ନନ୍ଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ସମାଜ୍‌ସେବୀ, ସର୍ବୋଦୟ କର୍ମୀ ଆଉ ବର୍ଷିଆନ୍ ସାମ୍ବାଦିକ୍ ଭାଗ୍‌ବତ୍ ପ୍ରସାଦ୍ ନନ୍ଦଙ୍କର୍ ରାଜନୀତି, ସମାଜସେବା, ସାମ୍ବାଦିକତା ସଂକୀର୍ଣ୍ଣତା ର ବହୁତ୍ ଉପ୍‌ରେ ଥିଲା ବଲି ବହୁବକ୍ତା କହିଛନ୍ । ଆଏଜ୍ କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ଠାନେ ଭାଗବତ୍ ନନ୍ଦ ସ୍ମୃତି କମିଟିର୍ ସଂଯୋଜକ ଡକ୍ଟର୍ ଗୌରହରି ପ୍ରଧାନ୍‌ଙ୍କର୍ ସଂଯୋଜନାଥି

ହେଇଥିବା ଶ୍ରାଦ୍ଧବାର୍ଷିକୀ ସମାରୋହଥି ବହୁତ୍‌ଟେ ସିଆନ୍ ସୁଜନ୍ ଯୋଗ୍ ଦେଇକରି ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ପାଟଖଣ୍ଡା ଯାତ୍ରା-କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ତେରେସିଂହା ଗାଁ ନ ମା ପାଟଖଣ୍ଡା ଯାତ୍ରା ଗଲାକାଏଲ୍ ଶେଷ୍ ହେଇଛେ । ଯାତ୍ରାଥି ମା'ଙ୍କୁ ଦର୍ଶନ୍ କର୍‌ବାର୍ ଲାଗି ଆଖର୍ ପାଖର୍ ଇଲାକାର୍ ଶତାଧିକ୍ ଭକ୍ତଙ୍କର୍ ସମାଗମ୍ ହେଇଥିଲା ।

ତାଳପତ୍ର ପୋଥି,ପାଣ୍ଡୁଲିପି ସଂରକ୍ଷଣ୍ କର୍ମଶାଳା ବୌଦ୍ଧ

କେନ୍ଦ୍ର ସର୍‌କାର୍‌ଙ୍କର୍ ସଂସ୍କୃତି ବିଭାଗ୍ ତର୍‌ଫୁ ବୌଦ୍ଧ ଠାନେ ଆଏବା ମାସେ ଗୁଟେ ତାଳପତ୍ର ପୋଥି ଆଉ ପାଣ୍ଡୁଲିପି ସଂରକ୍ଷଣ୍ କର୍ମଶାଳା ହେବା । ଇଥିର୍‌ଲାଗି ଜିଲ୍ଲା ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ଆଉ ତାକେ ଲାଗି କରି ଥିବା କେନ୍ଦ୍ରୀୟ ବଙ୍ଗୋପ୍ ସାଗର୍ ନ ହେଇଥିବା ଲଘୁଚାପ୍ ଲାଗି ରାଜ୍ୟର୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ପାଣିପାଗ୍ ବିଭାଗ୍ ର ସୂଚ୍ନା ଅନ୍ସାରେ ଆଏଜ୍ଠାନୁ ବର୍ଷାର ପରିମାଣ୍ କମ୍ବା । ମୌସୁମୀର୍ ପ୍ରଭାବ୍ଥି ରାଜ୍ୟର୍ ସମୁଦ୍ର ଖଁଡ଼ି ଇଲାକାମାନ୍କେ କିଛିଟା ଜାଗା ନ ମଙ୍ଗଲ୍ବାର୍ତକ୍ ମଧମ୍ ଧରଣ୍ର ବର୍ଷା ହେବାର୍ ସୂଚ୍ନା ମିଳିଛେ । ସେଆଡ଼େ ଆଏବା ବୁଧବାର୍ ୧ ତାରିଖ୍ ଦିନ ବଙ୍ଗୋପ୍ ସାଗର୍ ନ ଆଉ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍ଥି ଦକ୍ଷିଣ ଓଡ଼ିଶା ନ ଜବର୍ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ ।